# NATIONAL NEWS BULLETIN (ODIA)
## 14 May - 2025
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଉତ୍ତର ପ୍ରଦେଶରେ ଦେଶର ଷଷ୍ଠ ସେମିକଣ୍ଡକ୍ଟର ୟୁନିଟ୍ ପ୍ରତିଷ୍ଠା ନେଇ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ
- ଜୟପୁରକୁ ଆସନ୍ତାକାଲି ଦିନିକିଆ ଗସ୍ତରେ ଯିବେ ଉପରାଷ୍ଟ୍ରପତି
- ଜଷ୍ଟିସ ଭୂଷଣ ରାମକୃଷ୍ଣ ଗବଇ ଦେଶର ୫୨ତମ ପ୍ରଧାନ ବିଚାରପତିଭାବେ ନେଲେ ଶପଥ
- ଛତିଶଗଡ଼ରେ ଚାଲିଥିବା ମାଓବାଦୀ ଦମନ ଅଭିଯାନରେ ୩୧ ଜଣ ମାଓବାଦୀ ନିହତ

ଏବଂ

- ହାନୋଇର କ୍ୱାନ୍ ସୁ ପାଗୋଡ଼ା ମନ୍ଦିରରେ ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ଶ୍ରଦ୍ଧାଳୁ

# କ୍ୟାବିନେଟ୍ ବ୍ରିଫିଂ

ଉତ୍ତରପ୍ରଦେଶର ଜେଓ୍ୱାର ବିମାନ ବନ୍ଦର ନିକଟରେ ପ୍ରତିଷ୍ଠା ହେବାକୁ ଥିବା ଏକ ସେମିକଣ୍ଡକ୍ଟର ୟୁନିଟ୍ ପାଇଁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରି ପ୍ରଦାନ କରିଛି । ଆଜି ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏଚ୍.ସି.ଏଲ୍. ଏବଂ ଫକ୍ସକନ୍ କମ୍ପାନୀର ମିଳିତ ଉଦ୍ୟମରେ ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଏହି ୟୁନିଟ୍ ପ୍ରତିଷ୍ଠା କରାଯିବ । ସେ କହିଛନ୍ତି, ଏହି ପ୍ଲାଣ୍ଟ ପ୍ରତି ମାସରେ ୨୦ ହଜାର ଓ୍ୱେଫ୍‌ର ପାଇଁ ଡିଜାଇନ୍ କରାଯାଇଥିବା ବେଳେ ଡିଜାଇନ୍ ଆଉଟ୍‌ପୁଟ୍ କ୍ଷମତା ପ୍ରତିମାସରେ ୩୬ ନିୟୁତ ୟୁନିଟ୍ ରହିବ । ଏହି ପ୍ରକଳ୍ପରେ ୩ ହଜାର ୭୦୦ କୋଟି ଟଙ୍କାର ନିବେଶ କରାଯିବ ବୋଲି ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

**V/O- VAISHNAV---TWENTY-THOUSAND**

ଶ୍ରୀ ବୈଷ୍ଣବ କହିଛନ୍ତି, ଦେଶରେ ୫ଟି ସେମିକଣ୍ଡକ୍ଟର ୟୁନିଟ୍ ନିର୍ମାଣ ଜାରି ରହିଥିବା ବେଳେ ଏହି ଷଷ୍ଠ ୟୁନିଟ୍ ସେମିକଣ୍ଡକ୍ଟର ସହ ଭାରତ ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ ସେମିକଣ୍ଡକ୍ଟର ଶିଳ୍ପ ବିକାଶ କ୍ଷେତ୍ରରେ ଆଗେଇ ଚାଲିଛି । ସେ କହିଛନ୍ତି, ୨୭୦ଟି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ୭୦ଟି ଷ୍ଟାର୍ଟ-ଅପ୍‌ର ଉଦ୍ୟୋଗୀମାନେ ନୂତନ ଉତ୍ପାଦ ବିକାଶ ପାଇଁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଆଧାରରେ କାର୍ଯ୍ୟ କରୁଛନ୍ତି ।

## ପ୍ରେଜ୍ ଫୋର୍ସେସ୍ ଚିଫ୍

ସେନାମୁଖ୍ୟ ଜେନେରାଲ ଅନୀଲ ଚୌହ୍ୱାନଙ୍କ ସହିତ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏ.ପି. ସିଂହ ଏବଂ ନୌସେନା ମୁଖ୍ୟ ଆଡମିରାଲ ଦୀନେଶ କୁମାର ତ୍ରିପାଠୀ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ଅପରେସନ ସିନ୍ଦୂର ଏବଂ ଏହାର ପରବର୍ତ୍ତୀ ପରିସ୍ଥିତି ନେଇ ସେମାନେ ରାଷ୍ଟ୍ରପତିଙ୍କୁ ଅବଗତ କରାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଭାରତୀୟ ସେନାର ସାହସ, ସମର୍ପଣ ଭାବକୁ ଉଚ୍ଚ ପ୍ରଶଂସା କରିଛନ୍ତି । ସେନାର ଅବଦାନ ଯୋଗୁଁ ଆତଙ୍କବାଦ ବିରୁଦ୍ଧରେ ଭାରତ ସଫଳ ପଦକ୍ଷେପ ଗ୍ରହଣ କରିପାରିଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

## ଭିଜି-ଜୟପୁର ଭିଜିଟ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆସନ୍ତାକାଲି ରାଜସ୍ଥାନର ଜୟପୁରକୁ ଦିନିକିଆ ଗସ୍ତରେ ଯିବେ। ଏହି ଅବସରରେ ସେ ପୂର୍ବତନ ଉପରାଷ୍ଟ୍ରପତି ଭେରୋଁ ସିଂ ଶେଖାୱତଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଭେରୋଁ ସିଂ ସ୍ମାରକୀ ପାଠାଗାରର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

ଭୈରୋଁ ସିଂ ଶେଖାୱତ ଦେଶର ୧୧ତମ ଉପରାଷ୍ଟ୍ରପତି ଭାବେ ୨୦୦୨ ଅଗଷ୍ଟରୁ ୨୦୦୭ ମସିହା ଜୁଲାଇ ମାସ ପର୍ଯ୍ୟନ୍ତ ଦାୟିତ୍ୱରେ ଥିଲେ। ୧୯୫୨ ମସିହାରେ ରାଜସ୍ଥାନ ବିଧାନସଭାର ସଦସ୍ୟଭାବେ ସେ ତାଙ୍କ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ରାଜସ୍ଥାନର ତିନିଥର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଆସନ୍ତାକାଲି କାର୍ଯ୍ୟକ୍ରମରେ ଲୋକସଭା ବାଚସ୍ପତି ଓମ ବିର୍ଲା, କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା, ସାଂସଦ ମଦନ ରାଠୋର ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେବେ।

## ସିଜେଆଇ ଗବଇ ଓଥ୍

ଜଷ୍ଟିସ ଭୂଷଣ ରାମକୃଷ୍ଣ ଗଭାଇ ଆଜି ଦେଶର ୫୨ତମ ପ୍ରଧାନ ବିଚାରପତି ଭାବେ ଶପଥଗ୍ରହଣ କରିଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୂର୍ବାହ୍ନରେ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଜଷ୍ଟିସ ଗବଇଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି ।

ଜଷ୍ଟିସ ଗବଇ ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜିବ ଖାନ୍ନାଙ୍କ ସ୍ଥାନରେ ଅବସ୍ଥାପିତ ହୋଇଛନ୍ତି । ଜଷ୍ଟିସ ଖାନ୍ନା ଗତକାଲି ପ୍ରଧାନ ବିଚାରପତି ପଦରୁ ଅବସର ଗ୍ରହଣ କରିଛନ୍ତି । ଶପଥ ଗ୍ରହଣ ସମାରୋହରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର

ମୋଦୀ, କେନ୍ଦ୍ର ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ଏବଂ ସୁପ୍ରିମକୋର୍ଟର ବିଚାରପତିଗଣ ଉପସ୍ଥିତ ଥିଲେ ।

## ସିଇସି- ବିଏଲ୍ଓ ଅଫିସର

ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର କହିଛନ୍ତି, ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ଘରକୁ ଘର ଯାଞ୍ଚ ସମୟରେ ସେମାନଙ୍କ କାର୍ଯ୍ୟକୁ ସହଜ କରିବା ପାଇଁ ଖୁବ୍‌ଶୀଘ୍ର ମାନକ ପରିଚୟ ପ୍ରଦାନ କରାଯିବ। ଶ୍ରୀ କୁମାର ଆଜି ନୂଆଦିଲ୍ଲୀରେ ହରିୟାଣା, ଦିଲ୍ଲୀ ଏବଂ ବିହାରର ବୁଥ୍ ସ୍ତରୀୟ ଅଧିକାରୀ, ପର୍ଯ୍ୟବେକ୍ଷକ ଏବଂ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କ ପାଇଁ ଏକ ଦୁଇଦିନିଆ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ଶୁଭାରମ୍ଭ ପରେ ଏହା କହିଛନ୍ତି। ସେ କହିଛନ୍ତି, ଏହି ଅଂଶଗ୍ରହଣକାରୀମାନେ  ସେମାନଙ୍କ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଅନ୍ୟ ଅଧିକାରୀମାନଙ୍କୁ ଏ ସମ୍ପର୍କରେ ତାଲିମ ପ୍ରଦାନ କରିବେ। ଏହି ତାଲିମ କାର୍ଯ୍ୟକ୍ରମରେ ମୋଟ୍ ୩୭୧ ଜଣ ତୃଣମୂଳସ୍ତରୀୟ ନିର୍ବାଚନ ଅଧିକାରୀ ଅଂଶଗ୍ରହଣ କରୁଛନ୍ତି। ଭୋଟ୍‌ର ପଞ୍ଜୀକରଣ, ଫର୍ମ ପୂରଣ ପ୍ରକ୍ରିୟା ଏବଂ ନିର୍ବାଚନ ପ୍ରକ୍ରିୟାର କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଏହି ତାଲିମ  ପ୍ରଦାନ କରାଯାଉଛି।

## ଛତିଶଗଡ଼ ମାଓଇଷ୍ଟ

ଛତିଶଗଡ଼ ବିଜାପୁର ଜିଲ୍ଲାର ତେଲଙ୍ଗାନା ସୀମାନ୍ତରେ ଅବସ୍ଥିତ କରଗେଟ୍ଟା ପାହାଡ଼ରେ ୨୧ ଦିନ ଧରି ଚାଲିଥିବା ମାଓବାଦୀ ଦମନ ଅଭିଯାନରେ

୧୬ ଜଣ ମହିଳା ମାଓବାଦୀଙ୍କ ସମେତ ୩୧ ଜଣ ମାଓବାଦୀ ନିହତ ହୋଇଛନ୍ତି । ବିଜାପୁରଠାରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ– ସି.ଆର୍.ପି.ଏଫ୍. ମହାନିର୍ଦ୍ଦେଶକ ଜ୍ଞାନେନ୍ଦ୍ର ପ୍ରତାପ ସିଂହ, ଛତିଶଗଡ଼ ପୁଲିସ ମହାନିର୍ଦ୍ଦେଶକ ଅରୁଣ ଦେବ ଗୌତମ ଏବଂ ବିଜାପୁର ପୁଲିସ ଅଧୀକ୍ଷକ ଜିତେନ୍ଦ୍ର କୁମାର ଯାଦବ କହିଛନ୍ତି, ୨୧ ଏପ୍ରିଲରୁ ମଇ ୧୧ ତାରିଖ ମଧ୍ୟରେ ୨୧ଟି ଏନକାଉଣ୍ଟର ହୋଇଥିଲା । ଏହି ସମୟ ମଧ୍ୟରେ ସ୍ୱୟଂଚାଳିତ ରାଇଫଲ, ୪୫୦ ଆଇ.ଇ.ଡି. ସମେତ ଅନେକ ଅସ୍ତ୍ରଶସ୍ତ୍ର ଜବତ ହୋଇଛି । ଏତଦ୍‌ବ୍ୟତୀତ ୨୧୪ଟି ବଙ୍କର ନଷ୍ଟ କରାଯିବା ସହ ଅନେକ ମାଓବାଦୀ ଆଡ୍ଡାସ୍ଥଳ ଧ୍ୱଂସ କରିଦିଆଯାଇଛି । ଏହି ଅଭିଯାନରେ ନିହତ ମାଓବାଦୀଙ୍କ ମଧ୍ୟରୁ ୨୮ ଜଣଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କ ଉପରେ ୧ କୋଟି ୭୨ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା ବୋଲି ଗଣମାଧ୍ୟମକୁ ସୂଚନା ଦେଇ ସି.ଆର୍.ପି.ଏଫ୍. ମହାନିର୍ଦ୍ଦେଶ ଏହା କହିଛନ୍ତି ।

## ଏନଏଚ୍‌ଆର୍‌ସି- ଇଣ୍ଟର୍ଣ୍ଣସିପ୍

ଜାତୀୟ ମାନବାଧିକାର ଆୟୋଗ– ଏନ୍.ଏଚ୍.ଆର.ସି. ତାର ଦୁଇ ସପ୍ତାହ ବିଶିଷ୍ଟ ଅନଲାଇନ୍ ସ୍ୱଳ୍ପ ମିଆଦି ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଏଥିରେ ଅଂଶଗ୍ରହଣ ପାଇଁ ଆବେଦନ କରିଥିବା ୧ ହଜାର ୭୯୫ ଆବେଦନକାରୀଙ୍କ ମଧ୍ୟରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୮୦ ଜଣ ବିଶ୍ୱବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କୁ ଚୟନ

କରାଯାଇଛି। ଦେଶରେ ମାନବାଧିକାରର ପ୍ରୋତ୍ସାହନ ଏବଂ ସୁରକ୍ଷା ବିଷୟରେ ଏକ ବ୍ୟାପକ ବୁଝାମଣା ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ଏନ୍.ଏଚ୍.ଆର୍.ସି.ର ମହାସଚିବ ଭରତ ଲାଲ କହିଛନ୍ତି, ଯୁବପିଢ଼ି ହେଉଛନ୍ତି ଭାରତର ସର୍ବପୁରାତନ ସଭ୍ୟତାଗତ, ସହାନୁଭୂତି, କରୁଣା ଏବଂ ନ୍ୟାୟର ଆଲୋକବର୍ତ୍ତିକା। ସେ ଛାତ୍ରଛାତ୍ରୀମାନଙ୍କୁ ନ୍ୟାୟ, ସମାନତା ଏବଂ ମର୍ଯ୍ୟଦାର ପ୍ରତୀକ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। ଭାରତର ସାମ୍ବିଧାନିକ ଢାଞ୍ଚାକୁ ବୁଝିବା ଏବଂ ମାନବାଧିକାର କ୍ଷେତ୍ରରେ ମର୍ଯ୍ୟଦାର ସହ କାର୍ଯ୍ୟ କରିବା ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଛନ୍ତି।

# ଭିଏତନାମ-ହୋଲି ରିଲିକ୍

ଭିଏତନାମର ରାଜଧାନୀ ହାନୋଇର କ୍ୱାନ୍ ସୁ ପାଗୋଡ଼ା ମନ୍ଦିରରେ ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷକୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି। ଭାରତର ସାରନାଥରୁ ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷ ସେଠାକୁ ପଠାଯାଇଥିଲା। ଗତକାଲି ଭାରତ ଓ ଭିଏତନାମର ବୌଦ୍ଧ ଭିକ୍ଷୁମାନଙ୍କ ଦ୍ୱାରା ଆନୁଷ୍ଠାନିକ ରୀତିନୀତି ଓ ପ୍ରାର୍ଥନା ସହିତ ବୌଦ୍ଧ ମନ୍ଦିରରେ ତାହାକୁ ସ୍ଥାନିତ କରାଯାଇଛି। ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ମନ୍ଦିରରେ ଏହି ଅବଶେଷ ପ୍ରଦର୍ଶିତ ହେବ। ଭିଏତନାମକୁ ପବିତ୍ର ଅବଶେଷ ପଠାଇବା କ୍ଷେତ୍ରରେ ଭାରତର ପଦକ୍ଷେପକୁ ଭିଏତନାମ ରାଷ୍ଟ୍ରପତି ଲୁଓଙ୍ଗ କୁଓଙ୍ଗ ପ୍ରଶଂସା କରିଛନ୍ତି, ଯାହା ଉଭୟ ଦେଶ ମଧ୍ୟରେ

ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ସମ୍ପର୍କକୁ ମଜଭୁତ କରିଛି। ଚଳିତ ମାସ ୨ ତାରିଖରେ କେନ୍ଦ୍ରମନ୍ତ୍ରୀ କିରନ ରିଜିଜୁଙ୍କ ନେତୃତ୍ୱାଧୀନ ଭାରତୀୟ ପ୍ରତିନିଧି ଦଳ ଭାରତରୁ ପବିତ୍ର ଅବଶେଷ ନେଇ ଯାଇଥିଲେ। ଭିଏତନାମରେ ଜାତିସଂଘ ଭେସାକ ଦିବସ ଉତ୍ସବ ପାଳନ ଅଂଶସ୍ୱରୂପ ଏହି ପବିତ୍ର ଅବଶେଷ ଚଳିତ ମାସ ୨୧ ତାରିଖ ପର୍ଯ୍ୟନ୍ତ ଭିଏତନାମରେ ରହିବ। ପୂର୍ବରୁ ହୋ ଚି ମିନ୍ ସିଟିର ଥାନ୍ ତାମ୍ ପାଗେଡ଼ା ଏବଂ ପରେ ଟାୟ ନିନ୍ ପ୍ରଦେଶର ବା ଡେନ୍ ପର୍ବତରେ ଭଗବାନ ବୁଦ୍ଧଙ୍କର ଏହି ପବିତ୍ର ଅବଶେଷ ପ୍ରଦର୍ଶିତ ହୋଇଥିଲା।

## ଲଦାଖ ସ୍ନୋ ଲିଓପାର୍ଡ

ଲଦାଖର ସୁରୁ ଉପତ୍ୟକା ଅଞ୍ଚଳରେ ଚଳିତ ବର୍ଷ ମାର୍ଚ୍ଚ ମାସରେ ପ୍ରଥମଥର ପାଇଁ ଏକ ତୁଷାର ଚିତାକୁ ତା'ର ଶିକାର ସହିତ ଦେଖାଯାଇଥିଲା। ତୁଷାର ଚିତାଟି ଏକ ପାହାଡ଼ି ଛେଳିକୁ ଶିକାର କରିଥିଲା। ଏହି ବିରଳ ଦୃଶ୍ୟକୁ ବନ୍ୟପ୍ରାଣୀ ଅନୁସନ୍ଧାନକାରୀ ମକବୁଲ ହୁସେନ ମୋକୁଦାସ ତାଙ୍କ କ୍ୟାମେରାରେ ଫଟୋ ଉତ୍ତୋଳନ କରିଥିଲେ। ଶ୍ରୀ ମକବୁଲ୍ ଦୀର୍ଘ ସମୟ ଧରି ଏହି ଅଞ୍ଚଳରେ ବିରଳ ବନ୍ୟପ୍ରାଣୀ ପ୍ରଜାତିକୁ ଟ୍ରାକିଂ କରିବାରେ ନିୟୋଜିତ ଅଛନ୍ତି। ଲଦାଖ ସ୍ୱୟଂଶାସିତ ପର୍ବତାଞ୍ଚଳ ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଡକ୍ଟର ମହମ୍ମଦ ଜାଫର ଆଖୁନ୍ ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ପାଇଁ ବନ୍ୟପ୍ରାଣୀ ବିଭାଗକୁ ଅଭିନନ୍ଦନ ଜଣାଇଛନ୍ତି।

# ଖେଲୋ ଇଣ୍ଡିଆ- ଦିଲ୍ଲୀ

ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ାର ଶେଷ ଦିନରେ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମ୍‌ରେ ଖେଳାଳିମାନେ କଳାତ୍ମକ ଜିମ୍ନାଷ୍ଟିକ୍‌ସରେ ସେମାନଙ୍କର ସର୍ବୋତ୍ତମ ପ୍ରଦର୍ଶନ କରିଛନ୍ତି। ପୁରୁଷ ଫ୍ଲୋର୍ ଫାଇନାଲରେ ଉତ୍ତର ପ୍ରଦେଶର ହର୍ଷିତ ଡି ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ କେରଳର ମିନହାଜ ଏସ୍ ସାଜ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଏଥିସହ ଟୁଲିନ୍ ତିୱାରୀଙ୍କୁ କାଂସ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ମହିଳା ଭଲ୍ଟିଂ ଟେବୁଲ ଫାଇନାଲରେ ତେଲଙ୍ଗାନାର ନିଶିକା ଅଗ୍ରୱାଲ ସ୍ୱର୍ଣ୍ଣ, ମହାରାଷ୍ଟ୍ରର ଅନୁଷ୍କା ପାଟିଲ ରୌପ୍ୟ ଏବଂ ତାଙ୍କ ସାଥୀ ଖେଳାଳି ସାରା ରାଓ୍ୱୁଲ୍ କାଂସ୍ୟ ପଦକ ପାଇଛନ୍ତି। ମହିଳା ଅନଇଭେନ୍ ବାର୍ସ ଫାଇନାଲରେ ଅନୁଷ୍କା ପାଟିଲ ସ୍ୱର୍ଣ୍ଣ, ଦିଲ୍ଲୀର ସ୍ନେହା ତାରିଆଲ ରୌପ୍ୟ ଏବଂ ନିଶିକା ଅଗ୍ରୱାଲ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି।

ସୂଚନାଯୋଗ୍ୟ, ଚଳିତ ମାସ ୪ ତାରିଖରୁ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ଯୁବକ୍ରୀଡ଼ା-୨୦୨୫ ଆସନ୍ତାକାଲି ଉଦ୍‌ଯାପିତ ହେବ। ଆମର ହସ୍ତଗତ ହୋଇଥିବା ଖବର ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୫୧ଟି ସ୍ୱର୍ଣ୍ଣ ସହ ୧୩୩ଟି ପଦକ ପାଇ ମହାରାଷ୍ଟ୍ର ପଦକ ତାଲିକାର ଶୀର୍ଷରେ ରହିଛି। ଓଡ଼ିଶା ୫ଟି ସ୍ୱର୍ଣ୍ଣ ସହ ୧୧ଟି ପଦକ ପାଇ ପଦକ ତାଲିକାର ୧୭ ନମ୍ବର ସ୍ଥାନରେ ରହିଛି।